## ସଂକ୍ଷେପରେ

### ୫ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୧୮।୮: ପାଠାଗାର ନିର୍ମାଣ କାମକୁ କେନ୍ଦ୍ରକରି ହୁଗୁଳାପଟ୍ଟା ଗ୍ରାମର ରାମଚନ୍ଦ୍ର ମହାରଣାଙ୍କୁ ଆକ୍ରମଣ ଘଟଣାରେ ଫେରାର ଥିବା ୫ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ରବିବାର ଗିରଫ କରିଛି। ସେମାନେ ହେଲେ ଅଶୋକ ଗୌଡ଼, ଅନିଲ ଗୌଡ଼, କାଳିଆ ଗୌଡ଼, ଗାଣ୍ଡୁ ଗୌଡ଼ ଓ ମାଙ୍ଗୁ ଗୌଡ଼। ମାମଲା ନଂ.୨୦୨/୧୯ରେ ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି। ଏଥି ପୂର୍ବରୁ ପୋଲିସ ସୂର୍ଯ୍ୟ ଗୌଡ଼ଙ୍କୁ ଗତ ୧୫ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପ୍ରକାଶ ଯେ, ଗତ ୧୩ ତାରିଖ ରାତିରେ ରାମଚନ୍ଦ୍ର ଖାଇ ସାରି ଦାଣ୍ଡରେ ଠିଆ ହୋଇଥିଲେ। ସେହି ସମୟରେ ଉପରୋକ୍ତ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଗାଁ ପାଠାଗାର କାମ ନ କରିବାକୁ ଧମକ ଦେଇଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସୂର୍ଯ୍ୟ ଓ ତାଙ୍କ ପରିବାର ଲୋକେ ଠେଙ୍ଗାରେ ରାମଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଏପରିକି ରାମଚନ୍ଦ୍ରଙ୍କ ବୁଢ଼ୀ ମା' ମୋ ପୁଅକୁ କାହିଁକି ମାରୁଛ ବୋଲି ପଚାରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଥିଲେ।

### ବିଧାୟକଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଶିଳାନ୍ୟାସ

ଧରାକୋଟ,୧୮।୮(ଡି.ଏନ.ଏ.): ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ଦ୍ୱାରା ଜଗନମୋହନ କରାଖାଇ ଠାକୁରାଣୀ ମନ୍ଦିରଠାରୁ ତିଳୋତ୍ତମାଦେଈପୁରଶାସନ ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଭିତ୍ତିଭୂମି ଉନ୍ନୟନ ପାଣ୍ଠିରୁ ୯୩ ଲକ୍ଷ ୫୩ ହଜାର ୬୩୯ ଟଙ୍କା ବ୍ୟୟରେ ନାବାର୍ଡ ସହାୟତାରେ ଏହି ପ୍ରକଳ୍ପ ନିର୍ମାଣ ହେବ । ଏକବର୍ଷ ସମୟ ସୀମା ମଧ୍ୟରେ ଏହା ଶେଷ ହେବ। ଧରାକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାର ତଦାରଖ ଦାୟିତ୍ୱରେ ରହିବ। ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଶତ୍ରୁଘ୍ନ ଗୌଡ଼, ଜଗମୋହନ ସରପଞ୍ଚ ଶିବରାମ ବାଡ଼ତ୍ୟା, ଜିଲା କଂଗ୍ରେସ ସମ୍ପାଦକ ସୁନିଲ କୁମାର ଚୌଧୁରୀ, ଠିକାଦାର ଶ୍ରୀକାନ୍ତ ମହାନ୍ତି, ବିଚିତ୍ର ସାହୁ, ବଂଶୀଧର ବିଶ୍ୱାଳ, ବନବାସୀ ପାମୀ, ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟଦେବ ମହାରଣା, ରମାକାନ୍ତ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ନନ୍ଦିଘୋର ଗ୍ରାମର ମୃତକ ଲିଙ୍ଗରାଜ ରାଉତଙ୍କ ପରିବାରକୁ ବିଧାୟକ ଭେଟି ସମବେଦନା ଜଣାଇଥିଲେ ।

### ବୃତ୍ତି ପରୀକ୍ଷା ଦେଲେ ୨୦୬ ପରୀକ୍ଷାର୍ଥୀ

ବୁଗୁଡ଼ା,୧୮।୮(ଡି.ଏନ.ଏ.): ବୁଗୁଡ଼ା ପିପୁଲସ୍ ହାଇସ୍କୁଲ କେନ୍ଦ୍ରରେ ରବିବାର ଅନୁଷ୍ଠିତ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ୧୦୩ ଜଣ ଲେଖାଏ ୨୦୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୧୦୯ ଜଣଙ୍କ ମଧ୍ୟରୁ ୧୦୩ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ମୋଟ ୧୦୮ ଜଣଙ୍କ ମଧ୍ୟରୁ ୧୦୩ ଜଣ ପରୀକ୍ଷା ଦେଇଛନ୍ତି। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଲାଗି କେନ୍ଦ୍ର ଅଧୀକ୍ଷକ ଭାବେ ଏବିଇଓ ପୀତାମ୍ବର ବିଷୋୟୀ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ସକାଶେ କେନ୍ଦ୍ର ଅଧୀକ୍ଷକ ଭାବେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଦାୟିତ୍ୱ ନିର୍ବାହ କରିଥିଲେ। ପରୀକ୍ଷାରେ ପର୍ଯ୍ୟବେକ୍ଷକ ଭାବେ ବିଇଓ ରସାନନ୍ଦ କର ଓ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା ଉପସ୍ଥିତ ଥିବା ବେଳେ ୧୬ ଜଣ ନିରୀକ୍ଷକ କେନ୍ଦ୍ରରେ ନିଯୁକ୍ତି ହୋଇଥିଲେ ।

### ନିଖୋଜ ନାବାଳିକା ଉଦ୍ଧାର, ଯୁବକ ଅଟକ

ବୁଗୁଡ଼ା,୧୮।୮(ଡି.ଏନ.ଏ.): ବୁଗୁଡ଼ା ଥାନା ଅଞ୍ଚଳରେ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ଶନିବାର ରାତିରେ ପୋଲିସ ଉଦ୍ଧାର କରିଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ପୋଲିସ ନଂ. ୧୬୨/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ନାବାଳିକା ସପ୍ତାହକ ତଳେ ଘରୁ ନିଖୋଜ ହୋଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ଝିଅ ନ ମିଳିବାରୁ ଶନିବାର ଥାନାରେ ଅଭିଯୋଗ କରିଥିଲେ। ରାତିରେ ପଞ୍ଚଭୂତିରୁ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କ ସାଙ୍ଗରେ ଥିବା ଯୁବକଙ୍କୁ ମଧ୍ୟ ପୋଲିସ ନେଇ ପଚରାଉଚରା ଚଳାଇଛି।

■ ବ୍ୟବସାୟୀ ମହାସଂଘ ଅଧିବେଶନ

# ଉତ୍ପାଦକଙ୍କ ମନମୁଖି ଦର ନିର୍ଦ୍ଧାରଣକୁ ବିରୋଧ

ବ୍ରହ୍ମପୁର ଅଫିସ,୧୮।୮

ସ୍ଥାନୀୟ ଏକ ହୋଟେଲ୍‌ରେ ରବିବାର ଓଡ଼ିଶା ବ୍ୟବସାୟୀ ମହାସଂଘର ନୂତନ କାର୍ଯ୍ୟକାରିଣୀର ପ୍ରଧାନ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶା ବ୍ୟବସାୟୀ ମହାସଂଘକୁ ତୃଣମୂଳସ୍ତରରୁ ସଂଗଠିତ କରିବା ଲାଗି ଗୋଟିଏ ପ୍ରତିନିଧି ମଣ୍ଡଳୀ ରାଜ୍ୟର ସମସ୍ତ ବ୍ୟବସାୟୀ ସଂଗଠନ ସହ ଯୋଗାଯୋଗ କରିବା ପାଇଁ ରାଜ୍ୟ ଭ୍ରମଣ କରିବା ସହ ବ୍ୟବସାୟୀମାନଙ୍କ ସମସ୍ୟା ଏବଂ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟର ସମସ୍ତ ଉପଭୋକ୍ତାମାନେ କ୍ରୟ କରୁଥିବା ସମସ୍ତ ଦ୍ରବ୍ୟର ଗୁଣବତ୍ତା ଓ ମୂଲ୍ୟ ଯେପରି ଠିକ୍ ରହେ ସେଥିପ୍ରତି ଆଗାମୀ ଦିନରେ ଦୃଷ୍ଟି ଦିଆଯିବ। ବିଭିନ୍ନ କମ୍ପାନୀଗୁଡ଼ିକ ଦ୍ୱାରା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବ୍ୟବସାୟୀ ମହାସଂଘ କର୍ମକର୍ତ୍ତା ।

ରାଜ୍ୟ ତଥା ଦେଶର ବ୍ୟବସାୟୀମାନେ ବର୍ତ୍ତମାନ ଏକ ନୂତନ ବିପଦର ସମ୍ମୁଖୀନ ହେଉଛନ୍ତି। ସେମାନେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ବଡ଼ ବଡ଼ ମଲ୍‌ମାନଙ୍କୁ ଅଧିକ ବ୍ୟବସାୟିକ ରିହାତି ଦେଉଥିବା ବେଳେ ସାଧାରଣ ବ୍ୟବସାୟୀମାନଙ୍କୁ କମ୍ ରିହାତି ଦେଉଛନ୍ତି। ଏହା ଦ୍ୱାରା ସାଧାରଣ ବ୍ୟବସାୟୀମାନେ ସମ୍ପୃକ୍ତ କମ୍ପାନୀ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅଧିକ ଦର ରହୁଥିବା ଯୋଗୁ ଗ୍ରାହକମାନଙ୍କ ବିଶ୍ୱସନିୟତା ହରାଉଛନ୍ତି। ସେଥି ପାଇଁ ଉଭୟ ମଲ୍ ଏବଂ ଛୋଟ ବ୍ୟବସାୟୀମାନଙ୍କୁ ଗୋଟିଏ ଦରରେ ଦେବା ପାଇଁ ଆଗାମୀ ଦିନରେ ଉତ୍ପାଦକଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ନ ହେଲେ ସମ୍ପୃକ୍ତ ଉତ୍ପାଦକଙ୍କ ଦ୍ରବ୍ୟ ବିକ୍ରି ଉପରେ କଟକଣା ଜାରି କରାଯିବ। ରାଜ୍ୟ ସରକାର ଅଗଣତାନ୍ତ୍ରିକ ଭାବେ ଆଞ୍ଚଳିକ ବଜାର ନିୟନ୍ତ୍ରିତ କମିଟି ଦ୍ୱାରା ବଜାର ଶୁଳ୍କ ଆଦାୟ କରୁଛନ୍ତି। ଅତୀତରେ ଏହାକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ରାଜ୍ୟ ସରକାର ଏହା ଉପରେ ଯେପରି ପଦକ୍ଷେପ ନେବା କଥା ତାହା ନେଉନାହାନ୍ତି । ଦରକାର ପଡ଼ିଲେ ବ୍ୟବସାୟୀ ମହାସଂଘ ପୁର୍ନବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ଏବଂ ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମହାସଂଘ ସଭାପତି ଟିଏଚ୍. ରବୀନ୍ଦ୍ରନାଥ, ସମ୍ପାଦକ ସୁଧାକର ପଣ୍ଡା, ଗଞ୍ଜାମ ଚାମ୍ବର ଅଫ୍ କମର୍ସ ସଭାପତି ଇ. ଶିବ ପ୍ରସାଦ ରଥ ଏବଂ ସମ୍ପାଦକ ଭି.ସନ୍ତୋଷ କୁମାରଙ୍କ ସମେତ ଉଭୟ ସଂଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଯୁବକ ସଂଘର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର


ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

ବ୍ରହ୍ମପୁର ଅଫିସ,୧୮।୮

ତ୍ରିନାଥ ମନ୍ଦିର ଯୁବକ ସଂଘ ତରଫରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ବ୍ରହ୍ମପୁର ମା' କୁଠାରି ମନ୍ଦିର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ୨୫୦ ଲୋକଙ୍କର ରକ୍ତ ସର୍କରା, ରକ୍ତ ଚାପ, ୟୁରିକ ଏସିଡ ପରୀକ୍ଷା କରାଯାଇଥିଲା। ଏମ୍‌କେସିଜି ଡାଇବେଟିସ ଆସିଷ୍ଟାଣ୍ଟ ପ୍ରଫେସର ଡା. ପି. ରବି କୁମାର ଯୋଗଦେଇ ଏହାକୁ ପରିଚାଳନା କରିଥିଲେ। ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ, ଯୁବନେତା ବାବୁ ଗୌଡ, ଚିତ୍ରସେନ ନାୟକ, ସାମାଜିକକର୍ମୀ ସୀମା ପାଣିଗ୍ରାହୀ, ଯୁବ ନେତା ଶୋଭନ ନାୟକ, ତ୍ରିନାଥ ଯୁବ ସଂଘର ଶଙ୍କର ସାହୁ, ନାରାୟଣ ଚୌଧୁରୀ, ସନ୍ତୋଷ ସାହୁ, ନାରାୟଣ ସାହୁ, ଜଗଦୀଶ ଆଚାରି, ସୁରେନ୍ଦ୍ର ସେନାପତି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# କାଠ କାରିଗର ସଂଘର ବାର୍ଷିକୋତ୍ସବ



ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର ଅଫିସ,୧୮।୮

ଗଞ୍ଜାମ ଜିଲା କାଠ କାରିଗର ସଂଘର ପ୍ରଥମ ବାର୍ଷିକୋତ୍ସବ ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ପୂର୍ବତନ କର୍ପୋରେଟର ସଂଘମିତ୍ରା ଦଳାଇ, ପାର୍ବତୀ ପ୍ରଧାନ, ଆଇନଜୀବୀ ପ୍ରମୋଦ କୁମାର ସାହୁ, ଭାଗୀରଥି ମହରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାଠ କାରିଗରଙ୍କ କୌଳିକ ବୃତ୍ତିକୁ ବଳବତ୍ତର ରଖିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସ୍କିଲ ଇଣ୍ଡିଆରେ ସାମିଲ କରିବା, ଦିବ୍ୟାଙ୍ଗ କାରିଗରଙ୍କ ଭତ୍ତା ବ୍ୟବସ୍ଥା, ଆଇଟିଆଇରେ କାର୍ପେଣ୍ଟର ପୋଷ୍ଟର ପୁନରୁଦ୍ଧାର ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ସଂଘ ପ୍ରତିଷ୍ଠାତା ଜଗନ୍ନାଥ ଆଚାରୀ, କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ମହାରଣା, ଉପସଭାପତି ସୂର୍ଯ୍ୟନାରାୟଣ ମହାରଣା, ପଦ୍ମ ମହାରଣା, ଶଙ୍କର ଆଚାରୀ ଆବାହକ କେଶବ ଦୋରା, ରବୀନ୍ଦ୍ର ମହାରଣା, ସଂଯୋଜକ ରିଚି ମହାରଣା, ସଞ୍ଜୟ ମହାରଣା, ନରେଶ ମହାରଣା, କୋଷାଧ୍ୟକ୍ଷ ମୁରଲୀ ମହାରଣା, ଯୁଗ୍ମ ସଂଯୋଜକ ଜଗନ୍ନାଥ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବାଲୁକା ଶିଳ୍ପୀ ସତ୍ୟ ମହାରଣା, କଣ୍ଠଶିଳ୍ପୀ ସୋନୁ ମହାରଣାଙ୍କ ସମେତ ପ୍ରତିଭାବାନ ବ୍ୟକ୍ତିଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ବିଦ୍ୟାଧର ମହାରଣା ଧନ୍ୟବାଦ ଦେଇଥିଲେ ।

## ଧାର ଟଙ୍କାକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ

ବ୍ରହ୍ମପୁର ଅଫିସ,୧୮।୮

ଜୁଆଖେଳ ବେଳେ ନେଇଥିବା ଧାର ଟଙ୍କା ମାଗିବାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଶନିବାର ରାତି ୯ଟା ବେଳେ ବିଜିପୁର କାଳୁଆ ସାହିର ଦୁର୍ଗାମାଧବ ମୁନିଙ୍କ ସହ ଚଗଲା ମାଝିଙ୍କର ବିଜିପୁର ଛକ ନିକଟରେ ସାକ୍ଷାତ ହୋଇଥିଲା। ଜୁଆଖେଳରେ ଦୁର୍ଗାମାଧବଙ୍କଠାରୁ ଚଗଲା ୧ ଲକ୍ଷ ଟଙ୍କା ଧାର ନେଇଥିଲେ। ପ୍ରତିଶ୍ରୁତି ଅନୁସାରେ ଚଗଲା ତାଙ୍କୁ ଫେରସ୍ତ କରି ନ ଥିଲେ। ଏଣୁ ଦୁର୍ଗାମାଧବ ଉକ୍ତ ଟଙ୍କା ଚଗଲାଙ୍କୁ ମାଗିବାରୁ ସେ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ ବୋଲି ଦୁର୍ଗାମାଧବ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ନଂ.୧୫୯/୧୯ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଥିବା କହିଛି।

# ଜୁଆ ଆଡ୍ଡାରେ ଚଢ଼ାଉ: ୫ ଗିରଫ

ବ୍ରହ୍ମପୁର ଅଫିସ,୧୮।୮

ଗୋଷାଣୀନୂଆଗାଁ ପୋଲିସ ଶନିବାର ରାତି ପ୍ରାୟ ୧୦ଟାରେ ମାଛବନ୍ଧ ସାହିରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢାଉ କରିଥିଲା । ଘଟଣାସ୍ଥଳରୁ ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ଆଶିଷ କୁମାର ପିଟର, ରଞ୍ଜନ କୁମାର ପ୍ରଧାନ, ଗିବନ୍ଦ ଚର୍ଚ୍ଚ, ବୃନ୍ଦାବନ ସାହୁ ଓ ସୁଶାନ୍ତ ବେହେରା । ପୋଲିସ ସେମାନଙ୍କ ନିକଟରୁ ୪୧୯୦ ଟଙ୍କା ଓ ଖେଳ ସରଞ୍ଜାମ ଜବତ କରିଥିଲା। ରବିବାର ମାମଲା ନଂ. ୮୦/୧୯ରେ ଜୁଆଡ଼ିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# ଏସ୍‌ବିଆଇର ସମୀକ୍ଷା, କର୍ମଶାଳା


ଖବରଦାତା ସମ୍ମିଳନୀରେ ଉପ ମହା ପ୍ରବନ୍ଧକ ଓ ଅନ୍ୟମାନେ ।

ବ୍ରହ୍ମପୁର ଅଫିସ,୧୮।୮

ଭାରତର ୫ ଟ୍ରିଲିୟନ ଅର୍ଥ ବ୍ୟବସ୍ଥା ପାଇଁ କେନ୍ଦ୍ର ସରକାରଙ୍କ ଅର୍ଥବିଭାଗ ବ୍ୟାଙ୍କର ବିଚାର ଓ ପ୍ରଦର୍ଶନ ନେଇ ସମୀକ୍ଷା କରି ପ୍ରସ୍ତାବ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛି । ଏହି କ୍ରମରେ ଦୁଇଦିନ ଧରି ବ୍ରହ୍ମପୁର ଏସ୍‌ବିଆଇ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନ ଶାଖା ପ୍ରବନ୍ଧକଙ୍କୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଥିଲା । ବ୍ୟାଙ୍କ ପକ୍ଷରୁ ଦିଆଯାଉଥିବା କୃଷି, ଶିକ୍ଷା, ବ୍ୟବସାୟ, ମୁଦ୍ରା ଋଣ ପ୍ରଭୃତି ସେବାର ସମୀକ୍ଷା କରାଯାଇଥିଲା। ବ୍ୟାଙ୍କିଙ୍ଗ ସେବାର ଅଭିବୃଦ୍ଧି ନେଇ ଶାଖା ପ୍ରବନ୍ଧକଙ୍କଠାରୁ ପ୍ରସ୍ତାବ ସଂଗ୍ରହ କରାଯାଇଥିବା ରବିବାର ବ୍ରହ୍ମନଗର ଏସ୍‌ବିଆଇର ବ୍ରହ୍ମପୁର ଆଞ୍ଚଳିକ ଶାଖା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପମହାପ୍ରବନ୍ଧକ ସାକ୍ୟ ସିହ୍ନା ବୈରାଗୀ ସୂଚାଇଛନ୍ତି । କୃଷି ଋଣ, ଶିକ୍ଷା ଋଣ, ଲଘୁ ଉଦ୍ୟୋଗ ଓ ମୁଦ୍ରା ଋଣ, ସବୁଜ ଅର୍ଥ ବ୍ୟବସ୍ଥା, ବାସଗୃହ ଋଣ ପ୍ରଭୃତି ବୃଦ୍ଧି କରିବା ଓ ଲୋକଙ୍କୁ ସୁବିଧାରେ ଯୋଗାଇଦେବା ଦିଗରେ ବହୁ ପ୍ରସ୍ତାବ ଗ୍ରହଣ ହୋଇଥିବା କୁହାଯାଇଥିଲା । ବ୍ୟାଙ୍କ ପକ୍ଷରୁ ବିଭିନ୍ନ ସେବା ପ୍ରଦାନ କ୍ଷେତ୍ରରେ ନେଟ୍‌ୱର୍କ ଜନିତ ସମସ୍ୟାର ସମାଧାନ ନେଇ ମଧ୍ୟ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଛି । ବ୍ୟାଙ୍କିଙ୍ଗଗୁଡ଼ିକର ସେବାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହାୟତା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି । ଉକ୍ତ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ପଠାଯିବ ବୋଲି ଉପ ମହାପ୍ରବନ୍ଧକ କହିଛନ୍ତି । ଏ ଦିଗରେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପ୍ରବନ୍ଧକ ହରି ହର ପଟ୍ଟନାୟକ ଓ କାଶୀ ବିଶ୍ୱନାଥ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ ।

# ଗର୍ଭବତୀଙ୍କ ତଣ୍ଟି ଚିପି ହତ୍ୟା ଘଟଣା: ଜେଲ ଗଲେ ସ୍ୱାମୀ

ବ୍ରହ୍ମପୁର ଅଫିସ,୧୮।୮

ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ନୂଆ ଖଜୁରିଆରେ ଗତ ୧୪ ତାରିଖରେ ୪ ମାସର ଗର୍ଭବତୀ ଥିବା ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ତଣ୍ଟି ଚିପି ହତ୍ୟା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ମିଳିଥିବା ପ୍ରମାଣକୁ ଆଧାରକରି ପୋଲିସ ଅଭିଯୁକ୍ତ ସ୍ୱାମୀ ମନୋଜ ଦଳାଇଙ୍କୁ ମାମଲା ନଂ. ୭୯/୧୯ରେ ଶନିବାର ଗିରଫ କରି ଜେରା କରିଥିଲା। ଜେରା ବେଳେ ମନୋଜ ତାଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କ ମୁହଁରେ ତକିଆ ପକାଇ ତାଙ୍କ ତଣ୍ଟିଚିପି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିବା


ଗିରଫ ଅଭିଯୁକ୍ତ ।

ଥାନାଧିକାରୀ ସୁମିତ ସୋରେନ ସୂଚନା ଦେଇଛନ୍ତି। ମନୋଜଙ୍କ ବୟାନକୁ ଆଧାର କରି ପୋଲିସ ତାଙ୍କ ଘରୁ ଘଟଣା ବେଳେ ବ୍ୟବହୃତ ହୋଇଥିବା ତକିଆ, ଧସ୍ତାଧସ୍ତି ବେଳେ ମଞ୍ଜୁଲତାଙ୍କ ମୁଣ୍ଡରୁ ଛିଡିଥିବା ଚୁଟି ଓ ଘର ଭିତରେ ପଡିଥିବା ରକ୍ତ ଛିଟା ପ୍ରଭୃତି ପରୀକ୍ଷା ପାଇଁ ପଠାଇଥିବା କହିଛି। ଅନ୍ୟପଟେ ତାଙ୍କ ଏକମାତ୍ର ୫ ବର୍ଷର ଶିଶୁପୁତ୍ର ଆଶିଷ ଦଳାଇଙ୍କୁ ଉତ୍କଳ ବାଳାଶ୍ରମ ପରିସରରେ ଥିବା ସ୍ପେସିଆଲ ଏଡୋପସନ ଏଜେନ୍ସି (ଏସଏଏ)କୁ ଶିଶୁଟିର ଯତ୍ନ ଓ ସୁରକ୍ଷା ପାଇଁ ପଠାଇ ଦିଆଯାଇଥିବା ପୋଲିସ କହିଛି। ମନୋଜଙ୍କୁ ପୋଲିସ ରବିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ଆର୍ଟ ଅଫ ଲିଭିଂର ଆନନ୍ଦ ଉତ୍ସବ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୮।୮

ଆର୍ଟ ଅଫ ଲିଭିଂ ବ୍ରହ୍ମପୁର ଶାଖା ପକ୍ଷରୁ ସ୍ଥାନୀୟ ସାଇ ଚନ୍ଦନ ସେବା ସଦନରେ ତିନିଦିନ ଧରି ଚାଲିଥିବା ଆନନ୍ଦ ଉତ୍ସବ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭାଗ ନେଇଥିଲେ । ପ୍ରଶିକ୍ଷକ କୃଷ୍ଣ ମହାପାତ୍ର, ଡ. ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ମଞ୍ଜୁଶ୍ରୀ ପଟ୍ଟନାୟକ, ଇଂ. ଅମର ପ୍ରସାଦ ସାହୁ, ବି. ଶ୍ୟାମସୁନ୍ଦର, ଆର. ବିଜୟ କୁମାର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ ଟ୍ରେନରୁ ମଦ ଜବତ ଘଟଣା

# ଆଟେଣ୍ଡାଣ୍ଟ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୮।୮

ଚଳନ୍ତା ଟ୍ରେନରେ ମଦ ଗଚ୍ଛିତ ରଖି କାରବାର କରୁଥିବା ଅଭିଯୋଗରେ ସରକାରୀ ରେଳବାଇ ପୋଲିସ (ଜିଆରପି) ଟ୍ରେନ କୋଚ ଆଟେଣ୍ଡାଣ୍ଟ ରାମ ପାଲ ପଟଆ (୪୧)ଙ୍କୁ ଗିରଫ କରିଛି। ତାଙ୍କ ଘର ମଧ୍ୟପ୍ରଦେଶ ରେୱା ଜିଲା ବାଉରୀବନ୍ଧ। ପୋଲିସ ତାଙ୍କ ଠାରୁ ୧୨ ମଦ ବୋତଲ ଜବତ କରିଛି। ମାମଲା ନଂ.୬୦/୧୯ରେ ରାମ ପାଲଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ପ୍ରକାଶଯେ, ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ଶନିବାର ସନ୍ଧ୍ୟାରେ ବ୍ରହ୍ମପୁର ରେଳଷ୍ଟେଶନ ପ୍ଲାଟଫର୍ମ-୨ରେ ଛିଡା ହୋଇଥିବା ବେଳେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଉକ୍ତ ଟ୍ରେନର ଏସି କୋଚର ବି-୩ରେ ମଦ ବିକ୍ରି


ଗିରଫ ଟ୍ରେନ କୋଚ ଆଟେଣ୍ଡାଣ୍ଟ ।

ହେଉଥିବା ଖବର ପାଇଥିଲା । ସେଠାରେ ଚଢାଉ କରି କୋଚ ଆଟେଣ୍ଡାଣ୍ଟ ରାମ ପାଲଙ୍କ ନିକଟରୁ ୧୨ ବୋତଲ ମଦ ପାଇଥିଲା। ପରେ ମଦ ଓ ଅଭିଯୁକ୍ତଙ୍କୁ ଜିଆରପି ପୋଲିସକୁ ହସ୍ତାନ୍ତର କରିଥିଲା। ଆରପିଏଫ ଏସ୍‌ଆଇ ଚନ୍ଦନ କୁମାର ସିଂଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଭୋଇ କହିଛନ୍ତି।

# ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବୈଠକ

ବ୍ରହ୍ମପୁର ଅଫିସ,୧୮।୮

ସ୍ଥାନୀୟ ଲାଞ୍ଜିପଲ୍ଲୀ ତାରାଦେବୀ ମନ୍ଦିରରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ସିଟି ସର୍କଲ୍ ଶାଖାର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, ନିମନ୍ତ୍ରିତ ଅତିଥିଭାବେ ଯୋଗ ଦେଇଥିଲେ ଉପସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟନାରାୟଣ ବିଷୋୟୀ, ସାଂଗଠନିକ ସମ୍ପାଦକ ଟି.ଆପା ରାଓ, ସର୍କଲ୍ ସମ୍ପାଦକ କ୍ଷୀରୋଦ କୁମାର ସେଠୀ ଏବଂ ଡିଭିଜନ୍ ସମ୍ପାଦକ ଧନଞ୍ଜୟ ପରିଡ଼ା, ମହେନ୍ଦ୍ର କୁମାର ନାଥ ଏବଂ ଗୋପୀନାଥ ରାଉତ। ସଭାରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା


ମଞ୍ଚାସୀନ ସଂଘ କର୍ମକର୍ତ୍ତା ।

କରାଯାଇଥିଲା। ସିଟି ସର୍କଲ୍ ଚାର୍ଜମ୍ୟାନ୍ ପଦବୀ ପୂରଣ, ଆଗାମୀ ଦିନରେ ମିଳିତ ମଞ୍ଚ ପକ୍ଷରୁ ଡାକରା ଦିଆଯାଇଥିବା ଧାରଣାକୁ ଜୋର୍‌ଦାର୍ କରିବା, ଶ୍ରମ ବେତନ ବକେୟା ପ୍ରଦାନରେ ଅନିୟମିତତା, ୨୮୩୦ ଗ୍ରେଡ୍ ପେ' କାର୍ଯ୍ୟକାରୀ କରିବା, ସେକ୍ସନ-ସବ୍‌ଡିଭିଜନ୍ ଏବଂ ଡିଭିଜନ୍-ସର୍କଲ୍ ବଢ଼ିଲେ ନୂତନ ଅଧିକାରୀ ନିୟୋଜିତ ହେଉଥିବା ବେଳେ ନୂତନ ଷ୍ଟ୍ରକ୍‌ଚର ବଢ଼ିଲେ ସେଥିରେ ନୂଆ କର୍ମଚାରୀଙ୍କୁ ନିୟୋଜିତ କରାଯାଉ ନ ଥିବା, ୟାର୍ଡଷ୍ଟିକ୍ ଅନୁସାରେ କ୍ଷେତ୍ର କର୍ମଚାରୀ ପୂରଣ କରିବା, କେତେକ ଅଧିକାରୀ ଏବଂ ଏଷ୍ଟାବ୍ଲିସ୍‌ମେଣ୍ଟ ମନମୁଖୀ କାର୍ଯ୍ୟକଳାପ ଉପରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବୈଠକରେ ପଦ୍ମନାଭ ମିଶ୍ର, ଭଗବାନ ରାଉଳ, ଚୈତନ୍ୟ ଦଳେଇ, ଭାସ୍କର ସ୍ୱାମୀ, ଏଲ୍.ଶ୍ରୀନୁ, ବ୍ୟୋମକେଶ ସ୍ୱାଇଁ, କୁନା ନାୟକ, ଶ୍ରୀଧର ନାୟକ, ରାଜୀବ ପ୍ରଧାନ, ଅଶୋକ ପଟ୍ଟନାୟକ, ନୀଳମାଧବ ଦାସ, ଆଶିଷ ମହାନ୍ତି, ରାକେଶ ମହାରଣା, ସଞ୍ଜୀବ ଜେନା, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### କାତିରେ ଆକ୍ରମଣ ଅଭିଯୋଗ, ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି,୧୮।୮(ଡି.ଏନ୍.ଏ.):** ଦିଗପହଣ୍ଡି ପୋଲିସ ରବିବାର ସନ୍ଧ୍ୟାରେ କାତିରେ ଆକ୍ରମଣ କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ଡେଙ୍ଗା ଓସ୍ତା ରତ୍ନମଣିପୁର ଗାଁର ବୃଦ୍ଧ କ୍ଷେତ୍ର ସାହୁ। ସକାଳ ପ୍ରାୟ ୮ ଟାରେ ଛଣ ମେରି ଗ୍ରାମର ସନ୍ତୋଷ ପାତ୍ର ମକା ବିକିବା ପାଇଁ କ୍ଷେତ୍ରଙ୍କ ଚାହା ଦୋକାନ ଆଗରେ ପସରା ପକାଇଥିଲେ। କ୍ଷେତ୍ର ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ କ୍ଷେତ୍ର ଉତ୍ତେଜିତ ହୋଇ ସନ୍ତୋଷଙ୍କ ମୁଣ୍ଡକୁ କାତିରେ ଚୋଟ ପକାଇବାରୁ ସନ୍ତୋଷ ଗୁରୁତର ହୋଇଥିଲେ। ସନ୍ତୋଷଙ୍କ ଏତଲା କ୍ରମେ ନଂ. ୧୫୨/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଆଇଆଇସି ଗୌରାଙ୍ଗ ଚରଣ ସାହୁ କହିଛନ୍ତି।

### ମହାତ୍ମା ଗାନ୍ଧୀ ହାଇସ୍କୁଲ କେନ୍ଦ୍ରରେ ବୃତ୍ତି ପରୀକ୍ଷା

**ଶେରଗଡ,୧୮।୮(ଡି.ଏନ.ଏ.):** ଶେରଗଡ ମହାତ୍ମା ଗାନ୍ଧୀ ହାଇସ୍କୁଲ କେନ୍ଦ୍ରରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ରବିବାର ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେବା ପାଇଁ ମୋଟ ୧୫୦ ଜଣ ଆବେଦନ କରିଥିବା ବେଳେ ୧୩୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେହିପରି ୫ମ ଶ୍ରେଣୀ ବୃତ୍ତି ପାଇଁ ୧୧୨ଜଣ ଆବେଦନ କରିଥିବା ବେଳେ ୧୦୭ ଜଣ ପରୀକ୍ଷା ଦେଇଛନ୍ତି। କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ତଥା ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର ପରୀକ୍ଷା ତଦାରଖ କରିଥିବା ବେଳେ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲେଙ୍କା କେନ୍ଦ୍ର ପରିଦର୍ଶନ କରିଥିଲେ ।

### ଆଇନ ସଚେତନତା ଶିବିର

**ଆସିକା,୧୮।୮(ଡି.ଏନ.ଏ):** ଆସିକା ବ୍ଲକ ଖଣ୍ଡଦେଉଳି ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ଆସିକା ତାଲୁକା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସ୍ୱାକ୍ଷର ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣର ଅଧକ୍ଷା ତଥା ଅତିରିକ୍ତ ଜିଲାଜଜ ରାଜଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ଓକିଲ ସଂଘର ସଭାପତି ସରୋଜ କୁମାର ତ୍ରିପାଠୀ, ସମ୍ପାଦକ ଛବିଳରାମ ମିଶ୍ର, ବିଡିଓ ଗାୟତ୍ରୀଦତ୍ତ ନାୟକ, ପୋଲିସ ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଖଣ୍ଡଦେଉଳି ସରପଞ୍ଚ ବନିତା କୁମାରୀ ସ୍ୱାଇଁଙ୍କ ସମେତ ବହୁ ଆଇନଜୀବୀ ଶିବିରରେ ଯୋଗ ଦେଇଥିଲେ । ପାରିବାରିକ ହିଂସା ପରିସ୍ଥିତିରେ ମହିଳାଙ୍କୁ ସୁରକ୍ଷା ଏବଂ ବିଭିନ୍ନ କ୍ଷେତ୍ରରେ ପୀଡିତାଙ୍କ ସହାୟତା ଲାଗି ସରକାରଙ୍କ ପକ୍ଷରୁ ରହିଥିବା ଆଇନଗତ ସୁବିଧା ସୁଯୋଗ ସମ୍ପର୍କରେ ଶିବିରରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

### କ୍ରୀଡ଼ାଶିକ୍ଷକଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର

**ବୁଗୁଡ଼ା,୧୮।୮(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ତାଲଶାକର ମହାମାୟୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବି. ଗୋପାଳ ଚନ୍ଦ୍ର ପାତ୍ର ପ୍ରକୃତିବନ୍ଧୁ ପୁରସ୍କାର ପାଇଛନ୍ତି। ଏହି ଉପଲକ୍ଷେ ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଆୟୋଜିତ ଏକ ଉତ୍ସବରେ କ୍ରୀଡ଼ା ଶିକ୍ଷକଙ୍କୁ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବ୍ରହ୍ମପୁର ପ୍ରମାଣପତ୍ର ସହ ୫ ହଜାର ଟଙ୍କାର ଏକ ଚେକ୍ ଦେଇ ସମ୍ବର୍ଦ୍ଧିତ କରିଥିଲେ।। ବିଭିନ୍ନ ସ୍ଥାନରେ ପରିବେଶ ସୁରକ୍ଷା ଓ ଚାରାରୋପଣ କାର୍ଯ୍ୟ ଦ୍ୱାରା ସେ ପୁରସ୍କୃତ ହୋଇଛନ୍ତି। ଏନେଇ ଅଭିଭାବକ, ଶିକ୍ଷକ ଓ ଛାତ୍ରୀଛାତ୍ର ମହଲରେ ସନ୍ତୋଷ ପ୍ରକାଶ ପାଇଛି।

### ବ୍ରାହ୍ମଣ ମହାସଂଘର ଜୋନସ୍ତରୀୟ ବୈଠକ

**ଆସିକା, ୧୮।୮(ଡି.ଏନ୍.ଏ):** ଆସିକା ବ୍ଲକ ହରିଡାପଦରସ୍ଥିତ ମୁକ୍ତେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶନିବାର ବ୍ରାହ୍ମଣ ମହାସଂଘର ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟଚନ୍ଦ୍ର ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ଆସିକା ବ୍ଲକର ବରଗାଁ, ଜୟପୁର, ହରିଡାପଦର, ନଳବଣ୍ଟା, କାଳକଣ୍ଠପୁର ଓ କର୍ଣ୍ଣୋଲି ପଞ୍ଚାୟତ ବ୍ରାହ୍ମଣ ପରିବାରର ସଦସ୍ୟ ଯୋଗ ଦେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଅର୍ଥନୈତିକ ଭିତ୍ତିରେ ସଂରକ୍ଷଣ କରିବା ନିତାନ୍ତ ଜରୁରୀ ବୋଲି ବୈଠକରେ ଦାବି କରାଯାଇଥିଲା। ଆବଶ୍ୟକ ହେଲେ ବ୍ରାହ୍ମଣମାନେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଲାଗି ପ୍ରସ୍ତୁତ ହେବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷା, ନିଯୁକ୍ତି ଆଦି ସମସ୍ତ କ୍ଷେତ୍ରରେ ବ୍ରାହ୍ମଣଙ୍କୁ ଗୁରୁତ୍ୱ ଦେବା ସହ ବ୍ରାହ୍ମଣ କଲ୍ୟାଣ ଉନ୍ନୟନ ନିଗମ ଗଠନ କରିବା ଲାଗି ଦାବି କରାଯାଇଥିଲା ।

# ନିଷ୍କାସନ ହେଉନି ବର୍ଷାଜଳ, ଧାନ ଫସଲ ନଷ୍ଟ

**ଶେରଗଡ,୧୮।୮(ଡି.ଏନ.ଏ.)**

ଶେରଗଡ଼ ବ୍ଲକ ଶେରଗଡ଼ ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ଏକର ଜମିର ଧାନ ଫସଲ ବର୍ଷା ଜଳରେ ବୁଡ଼ି ସଂପୂର୍ଣ୍ଣ ନଷ୍ଟ ହୋଇଛି। ଏନେଇ ସ୍ଥାନୀୟ ପ୍ରଶାସନକୁ ଲୋକମାନେ ଅଭିଯୋଗ କରିଛନ୍ତି । ୧୫ ଦିନ ପୂର୍ବରୁ ବର୍ଷା ହୋଇଥିଲା। ଏହି ବର୍ଷା ପାଣି ବିଲରେ ଜମି ରହିଥିବା ବେଳେ ପୁଣି ବର୍ଷା ହୋଇଥିବାରୁ ପାଣି ନିଷ୍କାସନ ହୋଇପାରୁନି। ଏ ସମ୍ପର୍କରେ ସ୍ଥାନୀୟ ଚାଷୀମାନେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଅବଗତ କରିଛନ୍ତି । ଏହି ପାଣିକୁ ନାଳ ଜରିଆରେ ନିଷ୍କାସନ ପାଇଁ ଚାଷୀମାନେ ବାରମ୍ବାର ଦାବି କରିଥିଲେ। କିନ୍ତୁ କିଛି ସୁଫଳ ମିଳୁନାହିଁ ବୋଲି ଚାଷୀ ବଳରାମ ରାଉତ କହିଛନ୍ତି।

ପ୍ରକାଶ ଯେ, କଳିଙ୍ଗ ବୈଶ୍ୟ ଭବନ ଛକରେ ଥିବା ଏକ ନାଳ ଦେଇ ୨୦ ଖଣ୍ଡ ଗ୍ରାମର ବର୍ଷା ପାଣି ପ୍ରବାହିତ ହୁଏ। ଉକ୍ତ ନାଳକୁ ସଫା ନ କରିବାରୁ ଏହି ପାଣି ପ୍ରତିବର୍ଷ ଶହ ଶହ ଭରଣ ଜମିରେ ପଶି ଧାନ ଫସଲ ନଷ୍ଟ କରୁଛି । ଏ ନେଇ ପ୍ରତିବର୍ଷ ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଉକ୍ତ ନାଳ ଏକ ବିଲ ଦେଇ ଯାଉଥିବା ବେଳେ ବିଲର ମାଲିକ ପାଣି ନ ଛାଡିବାରୁ ପାଣିକୁ ଚାରିଛକ ଦେଇ ନନ୍ଦିନୀ ନଦୀରେ ପକାଇବା ପାଇଁ ଯୋଜନା କରି ପୂର୍ତ୍ତବିଭାଗ ନାଳ କାମ ଆରମ୍ଭ କଲା। କିନ୍ତୁ ସେହି ନାଳ ଦ୍ୱାରା ମଧ୍ୟ ପାଣି ନିଷ୍କାସନ ହୋଇପାରୁନାହିଁ। ଏହି ପାଣି ରହିବା ଯୋଗୁଁ ଶେରଗଡର ବଡଦାଣ୍ଡ ସାହି, ରମୁଣି ସାହି, ତୋଟାସାହି, ବାଲିସାହିର ଶତାଧିକ ପରିବାର ଏକ ପ୍ରକାର ଆଶଙ୍କାରେ ରହୁଛନ୍ତି । କାରଣ କେତେବେଳେ ଯେ ପାଣି ବଢି ଉକ୍ତ ସାହିଗୁଡ଼ିକରେ ପଶିବ ତାହା କହିହେଉନାହିଁ ବୋଲି ଅବସରପ୍ରାପ୍ତ ଶିକ୍ଷକ ତଥା ବଡଦାଣ୍ଡ ସାହିର କୁମାର ସ୍ୱାମୀ ଆଚାରୀ କହିଛନ୍ତି। ଦରକାର ପଡିଲେ ଉକ୍ତ ନାଳ ସମସ୍ୟ ନେଇ ସ୍ଥାନୀୟ ଜନସାଧାରଣ ରାଜ ରାସ୍ତାକୁ ଓହ୍ଲାଇବେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବୁ ବୋଲି ଚାଷୀ ନିତ୍ୟାନନ୍ଦ ପଣ୍ଡା କହିଛନ୍ତି । ଉକ୍ତ ନାଳ ସଂଯୋଗ କରୁଥିବା ରାସ୍ତା ଜାତୀୟ ରାଜପଥ ବିଭାଗର ହୋଇଥିବା ବେଳେ ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉନାହିଁ ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଗ୍ରାମର ପାଣିନିଷ୍କାସନ ବ୍ୟବସ୍ଥା ନଥିବାରୁ ପ୍ରତିବର୍ଷ ବର୍ଷା ଦିନେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସାମାଜିକକର୍ମୀ ସେବୀ ଦୁର୍ଗାମାଧବ ବିଷୋୟୀ କହିଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ଯନ୍ତ୍ରୀ ପାର୍ଥସାରଥୀ ପ୍ରୟାଗରାଜ କହନ୍ତି ଶେରଗଡ ଏହି ସମାସ୍ୟାକୁ ଗୁରୁତର ଦେଇ ସରକାର ଏ ଦିଗରେ ବଡ ଯୋଜନା ଭାବେ ଗ୍ରହଣ କଲେ ଭଲ ହୁଅନ୍ତା। ଏ ନେଇ ଉପସହକାରୀ ନିର୍ବାହୀ ଯନ୍ତ୍ରୀ ବାବୁଲିଚାନ୍ଦ ଗୌଡ କହିଛନ୍ତି ଏହି ସମାସ୍ୟ ବହୁ ପୁରଣା ଏ ଦିଗରେ ଆମ୍ଭ ବିଭାଗ କିଛି କାମ କରୁଛି । ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଦେବା ଦରକାର।



ପାଣିରେ ବୁଡି ରହିଥିବା ଧାନ ଫସଲ।

# ଏକଦିବସୀୟ ସାଧନା ଶିବିର



ଆଧ୍ୟାତ୍ମିକ ଆଲୋଚନା ଚାଲିଛି।

**ଆସିକା,୧୮।୮(ଡି.ଏନ.ଏ)**

ଆସିକା ବ୍ଲକ ଭେଟନଇସ୍ଥିତ ଦିବ୍ୟଜୀବନ ସଂଘ ପ୍ରାଙ୍ଗଣରେ ରବିବାର ନୂତନ ସତସଙ୍ଗ କେନ୍ଦ୍ର ପ୍ରତିଷ୍ଠା ଓ ଏକଦିବସୀୟ ସାଧନା ଶିବିର ଅନୁଷ୍ଠିତ ହୋଇଥିଲା । ଓଡିଶା ଦିବ୍ୟଜୀବନ ସଂଘର ମୁଖ୍ୟ ସଂଗଠକ ଜୟଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ, ଭେଟନଇ ସରପଞ୍ଚ ଅମୂଲ୍ୟ କୁମାର ଉପାଧ୍ୟାୟ, ଦିବ୍ୟଜୀବନ ସଂଘର ସନ୍ଥସ୍ୱାମୀ ବ୍ରହ୍ମ ସାକ୍ଷାତକାରନନ୍ଦ ସରସ୍ୱତୀ, ଗୋବିନ୍ଦାନନ୍ଦ ସରସ୍ୱତୀ, ବିଦ୍ୟାନନ୍ଦ ସରସ୍ୱତୀ, ହରିଶରଣନନ୍ଦ ସରସ୍ୱତୀ, ରାମେଶ୍ୱରାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକ ଆଲୋଚନା କରିଥିଲେ। ବିଶ୍ୱ ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଓ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଦେଇଥିବା ପବିତ୍ର ବାଣୀ, ଉପଦେଶ ସମ୍ପର୍କରେ ବକ୍ତାମାନେ ଆଲୋଚନା କରି ଏହାର ପ୍ରଚାର ଓ ପ୍ରସାର ହୋଇପାରିଲେ ଏକ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ପ୍ରଥମେ ଭୋର ୫ଟାରୁ ନଗର ସଂକୀର୍ତ୍ତନ, ଶ୍ରୀଗୁରୁ ପାଦୁକାପୂଜା, ଭଜନ କୀର୍ତ୍ତନ ଓ ରାମନାମ ଜପ ପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିପ୍ରଚରଣ ପାତ୍ର, ପ୍ରକାଶ ଚନ୍ଦ୍ର ରଥ, ଶଶିଭୂଷଣ ପଣ୍ଡା, ଲକ୍ଷ୍ମୀନାରାୟଣ ନାହାକ, ଖଡାଳ ନାହାକ, କାମରାଜୁ ଗୌଡ, ବିକ୍ରମ ନାହାକଙ୍କ ସମେତ ଆସିକା ଦିବ୍ୟଜିଲା ଅନ୍ତର୍ଗତ ୨୦ ଶାଖାର ବହୁ ପ୍ରତିନିଧି ଏଥିରେ ଅଂଶ ଗ୍ରହଣ କରିଥିଲେ ।

# ବରିଷ୍ଠ ନାଗରିକ ୱାକିଙ୍ଗ୍ ପ୍ରତିଯୋଗିତା



କୃତୀ ପ୍ରତିଯୋଗୀମାନେ ।

**ଛତ୍ରପୁର,୧୮।୮(ଡି.ଏନ.ଏ.)**

ଛତ୍ରପୁର ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ ରବିବାର ବରିଷ୍ଠ ନାଗରିକ ୱାକିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ନିରଞ୍ଜନ ତ୍ରିପାଠୀ, କେ. ଏସ ଆର୍ ମୂର୍ତ୍ତି ଯୋଗଦେଇଥିଲେ । ବରିଷ୍ଠ ନାଗରିକ ପୁରୁଷ ବର୍ଗରେ ପି. ଲକ୍ଷ୍ମଣ ରାଓ ପ୍ରଥମ, ଆର୍. ଦଣ୍ଡାସି ରେଡ୍ଡୀ ଦ୍ୱିତୀୟ ଓ ଲୋକନାଥ ବେହେରା ତୃତୀୟ ହୋଇଥିଲେ । ସେହିପରି ମହିଳା ବର୍ଗରେ ପ୍ରମିଳା ସାହୁ ପ୍ରଥମ, ଦମୟନ୍ତୀ ସାହୁ ଦ୍ୱିତୀୟ ଓ ଏନ୍. ଜଗଦମ୍ବା ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ । ଏଥିସହ କୈଳାସ ରାଓଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । କେ. ନାରାୟଣ ରାଓ ଓ ସୁବାସିନୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । କୁକୁଡାଖଣ୍ଡିରେ ଅନୁଷ୍ଠିତ କବାଡି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଛତ୍ରପୁର ଟିମ୍‌କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି । ଆସୋସିଏଶନର ସଭାପତି ସୁବର୍ଣ୍ଣମାଳା ବିଷୋୟୀ, ସମ୍ପାଦକ ନିରଞ୍ଜନ ପାତ୍ର, ଉପସଭାପତି ରାଜେନ୍ଦ୍ର ଦାଶ, ରାବଣା ରାଓ, ଟି ଚନ୍ଦ୍ରଶେଖର ରାଓ, ବି ରାଜିବାବୁ, ଅମର ବିଷୋୟୀ, ଶ୍ରୀକାନ୍ତ ମହାନ୍ତି, କିଶୋର ଚନ୍ଦ୍ର ସେନାପତି, ସରୋଜ ପାଢୀ, ବି. ଶ୍ରୀନିବାସ, ଅନୀତା ମିଶ୍ର, ରବୀନ୍ଦ୍ର ସାହୁ, ଗଣେଶ ରାଓ, ସୁନୀତା ପାତ୍ର, ଦୁର୍ଗା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୧୮।୮(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ତ୍ରିନାଥ ବସ୍ତିରେ ଜଣେ ଯୁବତୀଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଘରର ଏକ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତ ଯୁବତୀ ଜଣକ ହେଲେ ବି ସୁରେନ୍ଦ୍ର ରେଡ୍ଡିଙ୍କ ଝିଅ ବି. ସନ୍ତୋଷୀ ରେଡ୍ଡି (୨୨)। ତାଙ୍କ ଘର ଗଞ୍ଜାମ ଜିଲାର ଦିଗପହଣ୍ଡି ଅଞ୍ଚଳରେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନାନୁସାରେ, ଶନିବାର ବିଳମ୍ବିତ ରାତିରେ ବାପା ଓ ସାନ ଭାଇ ଖାଇ ସାରିବା ପରେ ସନ୍ତୋଷୀ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ତାଙ୍କ ଘରକୁ ଲାଗିଥିବା ଜଣେ ପଡୋଶୀଙ୍କ ମୋବାଇଲ୍ ଫୋନ୍‌କୁ ସନ୍ତୋଷୀ ଫ୍ୟାନ୍‌ରେ ଝୁଲୁଥିବା ଫଟୋ ଆସିଥିଲା। ସେ ତୁରନ୍ତ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ସନ୍ତୋଷୀ ଶୋଇଥିବା ଘର କବାଟ ବାଡେଇବାରୁ ସେ ଖୋଲି ନ ଥିଲେ। ଫଳରେ କବାଟ ଭଙ୍ଗାଯିବା ପରେ ସନ୍ତୋଷୀ ଫ୍ୟାନରେ ଚୁନି ଲଗାଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକ ସନ୍ତୋଷୀଙ୍କୁ ଉଦ୍ଧାର କରି ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ୯୪/୧୯ରେ ଏକ ଅପମୃତ୍ୟୁ ମାଲା ରୁଜୁ କରି ଆରମ୍ଭ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ପୋଲିସ କହିଛି।

# ଅର୍ଥନୀତି, ପ୍ରାଣୀ ବିଜ୍ଞାନ ସେମିନାର



ଉପସ୍ଥିତ ଛାତ୍ରୀଛାତ୍ର।

**ଖଲ୍ଲିକୋଟ,୧୮।୮(ଡି.ଏନ.ଏ.)**

ଖଲ୍ଲିକୋଟ ସହରସ୍ଥିତ ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟରେ ଶନିବାର ଅର୍ଥନୀତି ଓ ପ୍ରାଣୀ ବିଜ୍ଞାନ ବିଭାଗର ସେମିନାର ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗ ମୁଖ୍ୟ ଅଲେଖ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଆସିଥିବା ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ ସାଇନ୍ସ ଏଜୁକେଶନ ରିସର୍ଚ୍ଚ (ନାଇସର) ପ୍ରଫେସର ଅମରେନ୍ଦ୍ର ଦାସ ଉପସ୍ଥିତ ରହି ବୃତ୍ତିଗତ ଆର୍ଥିକ ପରିଚାଳନା ଉପରେ ବିଶଦ ଆଲୋଚନା କରିଥିଲେ। କଲେଜ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ବିମଳ ପ୍ରସାଦ ସାହୁ, ଅଧ୍ୟାପିକା ରଶ୍ମିତା ସାହୁ, ସତ୍ୟ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅର୍ଥନୀତି ଅନର୍ସର ବହୁ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ସେହିପରି ପ୍ରାଣୀ ବିଜ୍ଞାନ ବିଭାଗରେ ସ୍ୱାସ୍ଥ୍ୟ ଓ ପରିମଳ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଡା. ହିମାଂଶୁ ଚୌଧୁରୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପାଇଁ ପରିମଳର ଗୁରୁତ୍ୱ ଉପରେ ବିଶଦ ବର୍ଣ୍ଣନା କରିଥିଲେ। ପ୍ରଫେସର ତ୍ରିନାଥ ସାହୁ, ଅଧ୍ୟାପକ ଡ଼. କାମେଶ୍ୱର ରାଓ, ଡ଼. ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଣୀବିଜ୍ଞାନ ଅନର୍ସ ବିଭାଗର ସମସ୍ତ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଅକ୍ଷୟ ଦାସ, ସତ୍ୟ ନାରାୟଣ ନାଏକ, ବିଶ୍ୱନାଥ ସେଠୀ ଓ କଲେଜ କର୍ମଚାରୀମାନେ ସେମିନାର ପରିଚାଳନା କରିଥିଲେ ।

# ମେଧାବୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କଲେ ବିଧାୟକ

**ଗଞ୍ଜାମ,୧୮।୮(ଡି.ଏନ.ଏ.)**

ଗଞ୍ଜାମ ଭାରତୀ ବିଦ୍ୟାପୀଠ କନଫରେନ୍ସ ହଲରେ ଶନିବାର ଏକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଏଥିରେ ଆଇନଜୀବୀ ଦିଲୀପ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ଜାଗୃତି ମହାବିଦ୍ୟାଳୟ ଅଧ୍ୟକ୍ଷ ସନତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୯୫ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଜ୍ୟୋତି ସମ୍ମାନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

# ବରିଷ୍ଠ ନାଗରିକଙ୍କୁ ପରିଚୟ ପ୍ରଦାନ

**ଶେରଗଡ଼,୧୮।୮(ଡି.ଏନ.ଏ.)**

ଶେରଗଡ ଥାନା ପରିସରରେ ରବିବାର ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତା ଓ ନୋଡାଲ ଅଧିକାରୀ ବିଷ୍ଣୁପ୍ରସାଦ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ସଭ୍ୟମାନେ ଶେରଗଡ ଅଞ୍ଚଳରେ ଘଟୁଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜନସାଧାରଣ ଯେ କୌଣସି ବି ସମସ୍ୟା ବିଷୟରେ ଜଣାଇ ପୋଲିସର ନିକଟତର ହେବାକୁ ସଭ୍ୟମାନଙ୍କୁ ଅନୁରୋଧ କରାଯାଇଥିଲା। ଏହାପରେ ଗଞ୍ଜାମ ପୋଲିସ ପକ୍ଷରୁ ୨୦ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଦିଗରେ ଥାନାରେ ବରିଷ୍ଠ ନାଗରିକ ସୁରକ୍ଷା ସେଲ କାମ କରୁଛି ବୋଲି କୁହାଯାଇଥିଲା। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲାକୁମାର ଚୌଧୁରୀ, ସତ୍ୟନାରାୟଣ ପାତ୍ର, ବି.ଚେଇନ ପାତ୍ର, ପ୍ରସନ୍ନ କୁମାର ପଣ୍ଡା, ସୀତାରାମ ପଟ୍ଟନାୟକ, ବାସୁଦେବ ରାଉତ ଓ ଗୌରହରି ବିଷୋୟୀ ପ୍ରମୁଖ ବହୁ ସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।




ବରିଷ୍ଠ ନାଗରିକଙ୍କ ସହ ଆମ ପୋଲିସ ସମିତିର ସଭ୍ୟମାନେ ।

## ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା

# ଶୌଚାଳୟ, ଆବାସ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**ଦିଗପହଣ୍ଡି,୧୮।୮(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ୨୫ ପଞ୍ଚାୟତ ଅଧୀନ ଗାଁ ଗୁଡ଼ିକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ବୈଠକ ଶନିବାର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବିଡିଓ ହଳଧର ଶବରଙ୍କ ସଂଯୋଜନାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ପଞ୍ଚାୟତୱାରୀ ସମୀକ୍ଷା କରିଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ଗଙ୍ଗାଧର ଲେଙ୍କା, ଗ୍ରାମପଞ୍ଚାୟତ ଅଧିକାରୀ ରମାକାନ୍ତ ଚୌଧୁରୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଇଂ. ଜ୍ୟୋତି ପ୍ରକାଶ ଛୋଟରାୟ, ଇଂ. ସମୀର ପଟ୍ଟନାୟକ, ଡିଇଓ ନୀଳାଞ୍ଚଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ଜିଏନ୍‌ଆରଇଜିଏସ ସମେତ ବର୍ଷା ହୋଇଯାଇଥିବାରୁ ରୁରାଲ ହାଉସିଂ (ଗ୍ରାମାଞ୍ଚଳ ଆବାସ ଯୋଜନାରେ ବାସଗୃହ ନିର୍ମାଣ) ଓ ସୁସ୍ଥ ଓଡ଼ିଶା ସ୍ୱଚ୍ଛ ଓଡ଼ିଶା ଯୋଜନାରେ ପ୍ରତ୍ୟେକ ଘରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ଉପସ୍ଥିତ କ୍ଷେତ୍ର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତ୍ୟେକ ବିଦ୍ୟାଳୟ ପରିସରରେ ବହୁ ସଂଖ୍ୟକ ଚାରାରୋପଣ ପାଇଁ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ପାନୀୟ ଜଳ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଯତ୍ନବାନ ହେବାକୁ ଗୁରୁତ୍ୱାରୋପ କରିଥିଲେ । ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲେ ମଧ୍ୟ ବହୁ ହିତାଧିକାରୀ ନିର୍ମାଣ କାର୍ଯ୍ୟରେ ଆଦୌ ସହଯୋଗ କରୁନଥିବା ବୈଠକରେ ଉପସ୍ଥିତ କ୍ଷେତ୍ର କର୍ମଚାରୀମାନେ ଅଭିଯୋଗ କରିଥିଲେ। ଯେଉଁ ହିତାଧିକାରୀ ସରକାରୀ ସହାୟତା ରାଶି ବ୍ୟାଙ୍କ ଜମାଖାତାରୁ ଉଠାଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସାରୁନାହାନ୍ତି, ରାଜ୍ୟ ପଞ୍ଚାୟତରାଜ ବିଭାଗ ନିର୍ଦ୍ଦେଶ ମୁତାବକ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ସମ୍ପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଖିଲାପି ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ସେ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସୁପରିଚାଳନା ନିମନ୍ତେ ବିସ୍ତୃତ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ବିଡିଓ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମପଞ୍ଚାୟତ ବୈଷୟିକ ସହାୟକ, ଗ୍ରାମ ରୋଜଗାର ସେବକ, କନିଷ୍ଠ ଯନ୍ତ୍ରୀବୃନ୍ଦ ବୈଠକରେ ଉପସ୍ଥିତ ଥିଲେ ।



ବୈଠକରେ ମଞ୍ଚାସୀନ ଗ୍ରାମୋନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ସୋମବାର, ଅଗଷ୍ଟ ୧୯/୨୦୧୯ Berhampur, Monday, August 19/2019

# ଦୁବାଇରେ ଫସିଛନ୍ତି ୧୩ ଓଡ଼ିଆ ଶ୍ରମିକ

**ଛତ୍ରପୁର,୧୮।୮(ଡି.ଏନ.ଏ.)**

ଦୁବାଇରେ ଏବେ ମଧ୍ୟ ଆହୁରି ୧୩ ଶ୍ରମିକ ଫସି ରହିଛନ୍ତି । ସେମାନଙ୍କୁ ସେଠାରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବା ତାଙ୍କ ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସେମାନଙ୍କୁ ଭାରତ ଫେରାଇ ଆଣିବାକୁ ପରିବାର ଲୋକେ ଜିଲା ଶ୍ରମ ବିଭାଗ ଓ ପ୍ରଶାସନକୁ ନିବେଦନ କରିଛନ୍ତି। ଖଲ୍ଲିକୋଟ ଥାନା ତେନ୍ତୁଳିଆପଲ୍ଲୀ ନିକଟ ପାରିନୂଆଗାଁର ସନ୍ତୋଷ ବେହେରା (୩୧) । ୨୦୧୮ ସେପ୍ଟେମ୍ବର ୧୧ ତାରିଖରେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳର ଜଣେ ଏଜେଣ୍ଟଙ୍କ ମାଧ୍ୟମରେ କାମ କରିବାକୁ ଦୁବାଇ ଯାଇଥିଲେ । ଭିସା ଓ ଟିକେଟ ବାବଦରେ ଉକ୍ତ ଏଜେଣ୍ଟଙ୍କୁ ସନ୍ତୋଷ ୫୮ ହଜାର ଟଙ୍କା ଦେଇଥିଲେ। ଦୁବାଇର ସାଲେମଓ ବେଡ୍ ଫ୍ଲୋର ଓ ୱାଲ ଟାଇଲିଂ କମ୍ପାନୀରେ ସନ୍ତୋଷ ଚଳିତ ବର୍ଷ ଜୁନ୍ ପର୍ଯ୍ୟନ୍ତ କାମ କରୁଥିଲେ। ପ୍ରାପ୍ୟ ନ ଦେବା ସହ କିଛି ସୁବିଧା ନ ଦେଇ ନିର୍ଯାତନା ଦିଆଯାଉଥିଲା । ଏ ସମ୍ପର୍କରେ ସେଠାରେ ଥିବା ଭାରତ ରାଷ୍ଟ୍ରଦୂତଙ୍କ ନିକଟରେ ସେ ଅଭିଯୋଗ କରିଥିଲେ। ଏହାପରେ ୨ ମାସର ବକେୟା ଦରମା ଦେବା ସହ ପାସପୋର୍ଟ ଫେରାଇବେ ବୋଲି କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା । ମାତ୍ର ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ବର୍ତ୍ତମାନ ସନ୍ତୋଷ ସେଠାରେ ଏକ ଏଟିଏମ୍ କମ୍ପାନୀରେ ଲୋଡିଂ ଓ ଅନ୍‌ଲୋଡିଂ କାମ କରିଛନ୍ତି। ତୁରନ୍ତ ସନ୍ତୋଷଙ୍କୁ ଭାରତ ଫେରାଇ ଆଣିବାର ବ୍ୟବସ୍ଥା କରିବାକୁ ତାଙ୍କ ବାପା ହଜାରୀ ବେହେରା ଶ୍ରମ ବିଭାଗ ନିକଟରେ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଖବର ପାଇ ପାରିନୂଆଗାଁକୁ ଛତ୍ରପୁର ଜିଲା ଶ୍ରମ କାର୍ଯ୍ୟାଳୟ ଗ୍ରାମୀଣ ନିରୀକ୍ଷକ ଯାଇ ହଜାରୀଙ୍କ ବୟାନ ରେକର୍ଡ କରିବା ସହ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ରିପୋର୍ଟ ଦାଖଲ କରିଛନ୍ତି ।

ପ୍ରକାଶଯେ, ଅଧିକ ରୋଜଗାର କରିବା ଆଶାରେ ୨୦୧୮ ନଭେମ୍ବର ୪ରେ ଖଲ୍ଲିକୋଟ ଥାନା ଅଧୀନ ମାଣିକପୁରଗାଁର ଏଜେଣ୍ଟ କାର୍ତ୍ତିକ ଜେନାଙ୍କ ଜରିଆରେ ଗଞ୍ଜାମ ଜିଲାର ୧୮ ଶ୍ରମିକ ଦୁବାଇ ଯାଇଥିଲେ । ସେଠାରେ ସେମାନଙ୍କୁ ଜଣକ ପିଛା ମାସକୁ ୩୫ ହଜାର ଟଙ୍କା ମିଳିବ ବୋଲି ସେତେବେଳେ କୁହାଯାଇଥିଲା। ଏ ବାବଦକୁ ଏଜେଣ୍ଟ ଜଣଙ୍କ ପିଛା ୬୦ ହଜାର ଟଙ୍କା ନେଇଥିଲେ । ଏମାନେ ସେଠାରେ ନିର୍ଯାତନା ପାଇବା ଅଭିଯୋଗ କରି କମ୍ପାନୀରୁ ଲୁଚି ଆସି ଏକ ଭିଡିଓ ମାଧ୍ୟମରେ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ । ପରେ ଏନେଇ ଛତ୍ରପୁରସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କୁ ଜଣାଇବା ସହ ସେମାନଙ୍କୁ ଭାରତକୁ ଫେରାଇ ଆଣିବା ପାଇଁ ତାଙ୍କ ପରିବାର ଲୋକେ ନିବେଦନ କରିଥିଲେ। ଭାରତ ସରକାରଙ୍କ ହସ୍ତକ୍ଷେପ ପରେ ଉକ୍ତ ୧୮ ଜଣଙ୍କ ମଧ୍ୟରୁ ୬ ଜଣ ଶ୍ରମିକ ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୨୭ ରେ ଘରକୁ ଫେରିଥିଲେ । ଏବେ ମଧ୍ୟ ଏଥିରୁ ୧୨ ଜଣ ଶ୍ରମିକ ସେଠାରେ ଫସି ରହିଛନ୍ତି। ସେମାନଙ୍କ ପରିବାର ଲୋକେ ଜିଲା ପ୍ରଶାସନ ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହ ସେମାନଙ୍କୁ ଫେରାଇ ଆଣିବାକୁ ଜୁଲାଇ ୨୯ରେ ଅନୁରୋଧ କରିଥିଲେ । ବର୍ତ୍ତମାନ ସୁଦ୍ଧା ଏମାନେ ଭାରତକୁ ଫେରି ନାହାନ୍ତି । ଦୁବାଇରେ ଫସି ରହିଥିବା ୧୨ ଶ୍ରମିକ ହେଲେ ଖଲ୍ଲିକୋଟ ବ୍ଲକ ମାଣିକପୁରଗାଁର ନବଘନ ପଲେଇ, ବୁଲୁ ମଳିକ, ବିଭୂତି ଗୌଡ, ସାନଘାଟିର ମଙ୍ଗୁଲୁ ସାହୁ, ବାଦିନୂଆପଲ୍ଲୀର ଦେବରାଜ ମଳିକ, ବଣିଆଗାର ରାଜୁ ଗୌଡ, ପିହଣିଆଗାଁର ପ୍ରଦୀପ ବେହେରା, ଲରଙ୍ଗଗାଁର ବଳିଆ ପାହାନ, ଉସ୍ତାପଡାଗାଁର ଜିତେନ୍ଦ୍ର ଗୌଡ,କୈରାଶିର ତ୍ରିନାଥ ନାହାକ, ବେଗୁନିଆପଡା ବ୍ଲକ ସାନଛଟିନା ରବି ଗୌଡ, ବାଲିଝରର ବଂଶୀଧର ବାରିକ।

■ ଦୁବାଇ ହସ୍ପିଟାଲରେ ପଡିରହିଛି ଓଡ଼ିଆ ମିସ୍ତ୍ରିଙ୍କ ମୃତଦେହ

# ଗାଁକୁ ଆଣିବାକୁ ନିବେଦନ କଲେ ସ୍ତ୍ରୀ

**ଖଲ୍ଲିକୋଟ/ଛତ୍ରପୁର,୧୮।୮(ଡି.ଏନ.ଏ.)**


ଜୟ ଦଳେଇ (ଫାଇଲ ଫଟୋ)

ଦୁବାଇରେ ଜଣେ ଓଡିଆ ମିସ୍ତ୍ରୀଙ୍କର ୧୬ ତାରିଖରେ ମୃତ୍ୟୁ ହୋଇଛି । ତାଙ୍କ ମୃତଦେହ ଦୁବାଇର ଏକ ହସ୍ପିଟାଲରେ ପଡିରହିଛି । ସେ ହେଲେ ଖଲ୍ଲିକୋଟ ଥାନା ଅଧୀନ ତେନ୍ତୁଳିଆପଲ୍ଲୀ ନିକଟ କୈଠରାଗାଁର ଜୟ ଦଳେଇ (୪୫) । ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି । ଏ ସମ୍ପର୍କରେ ସେଠାରେ ଥିବା ଜଣେ ସହଯୋଗୀ ତାଙ୍କ ଘର ଲୋକଙ୍କୁ ଫୋନ୍‌ରେ ଜଣାଇଛନ୍ତି । ମୃତଦେହ ଗାଁକୁ ଆଣିବାର ବ୍ୟବସ୍ଥା କରିବା ପାଇଁ ସ୍ତ୍ରୀ ହାର ଦଳେଇ ଛତ୍ରପୁର ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଖବର ପାଇ ଶନିବାର ଛତ୍ରପୁରସ୍ଥିତ ଜିଲା ଶ୍ରମ କାର୍ଯ୍ୟାଳୟ ସହକାରୀ ଶ୍ରମ ଅଧିକାରୀ ଓ ଗ୍ରାମୀଣ ଶ୍ରମ ନିରୀକ୍ଷକ କୈଠରାଗାଁରେ ପହଞ୍ଚି ଘଟଣା ସମ୍ପର୍କରେ ଜୟଙ୍କ ସ୍ତ୍ରୀ ହାରଙ୍କ ବୟାନ ରେକର୍ଡ କରିଛନ୍ତି । ଏହି ରିପୋର୍ଟକୁ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଉକ୍ତ ଅଧିକାରୀ ଦ୍ୱୟ ଦାଖଲ କରିଛନ୍ତି । ହାରଙ୍କ କହିବାନୁଯାୟୀ, ତାଙ୍କ ସ୍ୱାମୀ ଜୟ ୯ ବର୍ଷ ଧରି ଦୁବାଇରେ କାମ କରୁଥିଲେ । ସେ ଗାଁକୁ ଆସିଥିଲେ। ୧୮ ମାସ ପୂର୍ବେ ବାଲୁଗାଁ ଥାନା ଅଞ୍ଚଳର ଜଣେ ଏଜେଣ୍ଟ ସଞ୍ଜୟ ସ୍ୱାଇଁଙ୍କ ମାଧ୍ୟମରେ ଜୟ ପୁଣି ଦୁବାଇକୁ କାମ କରିବାକୁ ଯାଇଥିଲେ । ସେଠାରେ ଏଏସ୍‌ଜିସି କନ୍‌ଷ୍ଟ୍ରକ୍ସନ ମେଟ୍ରୋ ଓ ବିଲଡିଂ କମ୍ପାନୀରେ ମିସ୍ତ୍ରି ଭାବେ କାମ କରୁଥିଲେ। ୧୬ ତାରିଖରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିଲା । ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ବର୍ତ୍ତମାନ ସୁଦ୍ଧା ମୃତଦେହ ବ୍ୟବଚ୍ଛେଦ ହୋଇନି। ଜୟଙ୍କ ପରିବାର ଗରିବ ଶ୍ରେଣୀର। ତାଙ୍କର ୨ ଝିଅ ଓ ୨ ପୁଅ ଅଛନ୍ତି । ତାଙ୍କ ମୃତଦେହ ଗାଁକୁ ଆଣିବାକୁ ହାର ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ନଦୀରେ ଯୁବତୀ ନିଖୋଜ ଅଭିଯୋଗ

**ହିଞ୍ଜିଳିକାଟୁ,୧୮।୮(ଡି.ଏନ୍.ଏ.):** ହିଞ୍ଜିଳି ଥାନା ଖରିଡ଼ା ଗ୍ରାମର ଜଣେ ଯୁବତୀ ରବିବାର ସକାଳେ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଯୁବତୀ ଜଣକ ଗାଧୋଇବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ମା' ନଦୀକୁ ଯାଇ ଖୋଜିଥିଲେ। ନଦୀ ପଠାରେ ଚପଲ ଥିବା ଦେଖି ଝିଅ ଭାସି ଯାଇଥିବା ସନ୍ଦେହ କରିଥିଲେ। ଖବରପାଇ ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ ଓ ପୋଲିସ ଟିମ୍ ପହଞ୍ଚି ନଦୀର ବିଭିନ୍ନ ସ୍ଥାନରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। ଖବର ଲେଖାଯିବା ସୁଦ୍ଧା ଯୁବତୀଙ୍କ ସନ୍ଧାନ ମିଳି ପାରିନାହିଁ।

### ବେଧଡ଼କ ଚାଲିଛି ଜୁଆଖେଳ

**ଗୋପାଳପୁର,୧୮।୮:** ଗୋପାଳପୁର-ଛତ୍ରପୁର ରାସ୍ତାରେ ବାସନାପୁଟି, କାଳିପିଲି, ରଘୁନାଥପୁର ଛକ ଓ ମାଣ୍ଡିଆପଲ୍ଲୀ ଛକ ଓ ଆଖାପାଖ ଗ୍ରାମାଞ୍ଚଳରେ କିଛି ମାସ ହେଲା ବେଧଡ଼କ ଜୁଆଆଡ୍ଡା ଚାଲିଛି। ସ୍ଥାନୀୟ ପୋଲିସ ନିକଟରେ ସୁରାକ୍ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କିଛିଦିନ ତଳେ ପୋଲିସ ୪ ଜଣ ଜୁଆଡ଼ିଙ୍କୁ କୋର୍ଟଚାଲାଣ କରିଥିଲା। ପୋଲିସ ପହଞ୍ଚିବା ପୂର୍ବରୁ ଜୁଆଡ଼ିମାନେ ଖବର ପାଇ ଚମ୍ପଟ ମାରୁଛନ୍ତି। ଜୁଆଖେଳକୁ ୬ ରୁ ୭ ଜଣ ବ୍ୟକ୍ତି ଚଳାଉଥିବା ବେଳେ ଦିନକୁ ପ୍ରାୟ ଲକ୍ଷାଧିକ ଟଙ୍କାର ଜୁଆଖେଳ ଚାଲୁଥିବା ସୂଚନା ମିଳିଛି। ଏ ନେଇ ପୋଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଜୁଆଡ଼ିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

### ୬ ଶିଶୁ ଶ୍ରମିକ ଉଦ୍ଧାର

**ହିଞ୍ଜିଳିକାଟୁ, ୧୮।୮ (ଡି.ଏନ୍.ଏ):** ହିଞ୍ଜିଳି ଥାନା ଅଞ୍ଚଳର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ନିୟୋଜିତ ୬ ଶିଶୁ ଶ୍ରମିକଙ୍କୁ ରବିବାର ସନ୍ଧ୍ୟାରେ ପୋଲିସ ଉଦ୍ଧାର କରିଛି। ଅପରେଶନ ପରୀ-୩ ଅଭିଯାନ ବେଳେ କିଛି ଶିଶୁ ଶ୍ରମିକଙ୍କୁ ବିଭିନ୍ନ ହୋଟେଲ, ଗ୍ୟାରେଜ ଓ ଅନ୍ୟାନ୍ୟ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସେମାନଙ୍କୁ ନିୟୋଜନ କରିଥିବା ବ୍ୟବସାୟିଙ୍କୁ ତାଗିଦ୍ ପରେ ଉଦ୍ଧାର ଶିଶୁଙ୍କ ପରିଚୟ ଯାଞ୍ଚ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।

### ଛାତ୍ରୀ ନିବାସରୁ ଚୋରି ଘଟଣା, ୨ ଅଟକ

**ଚିକିଟି,୧୮।୮(ଡି.ଏନ.ଏ.):** ବ୍ରହ୍ମପୁର ପୋଲିସ ଜିଲା ଗୋଳନ୍ଥରା ଥାନା ପିତାତଳି ଗ୍ରାମରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ନିବାସରେ ଲାଗିଥିବା ପାଣିଟ୍ୟାପ୍ ଚୋରି ଘଟଣାରେ ଗୋଳନ୍ଥରା ପୋଲିସ୍ ୨ ଜଣଙ୍କୁ ଅଟକ ରଖିଛି। ଗତ ୧୧ ତାରିଖରେ ଉକ୍ତ ଛାତ୍ରୀ ନିବାସରେ ଟ୍ୟାପ୍ ଚୋରି ହୋଇଥିବା ନେଇ ବିଦ୍ୟାଳୟର ଅଧକ୍ଷ ସିଏଚ୍ ହେମନ୍ତ କୁମାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରବିବାର ମଧ୍ୟାହ୍ନରେ ୨ ଜଣ ବ୍ୟକ୍ତି ଛାତ୍ରୀ ନିବାସରେ ବିଦ୍ୟୁତ୍ ମିଟରକୁ ଚୋରାଇବାକୁ ଉଦ୍ୟମ କରୁଥିବା ବେଳେ ବିଦ୍ୟାଳୟର ଜଣେ କର୍ମଚାରୀ ଉଭୟଙ୍କୁ କାବୁ କରି ପିତାତଳର ପୂର୍ବତନ ସରପଞ୍ଚ ଏ.ରେଙ୍ଗା ରାଓଙ୍କୁ ଜଣାଇଥିଲେ। ଖବର ପାଇ ଥାନାଧିକାରୀ ବାବୁଲି ନାୟକ ପହଞ୍ଚି ୨ଜଣଙ୍କୁ ନେଇ ପଚରାଉଚରା କରୁଛନ୍ତି।

### ୨ ଦିନ ହେଲା ଅନ୍ଧାରରେ ଜିରାବାଡ଼ି

**ଜଗନ୍ନାଥପ୍ରସାଦ,୧୮।୮(ଡି.ଏନ୍.ଏ.):** ଜଗନ୍ନାଥପ୍ରସାଦରୁ ୨ କିମି ଦୂର ଜିରାବାଡ଼ି ଗାଁରେ ଗତ ଦୁଇଦିନ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯାଇଛି। ଫଳରେ ୨୫୦୦ ଜନସାଧାରଣ ଅନ୍ଧାରରେ ଅଛନ୍ତି। ବିଦ୍ୟୁତ୍ ସମସ୍ୟା ସାଙ୍ଗକୁ ଲଗାଣ ବର୍ଷା ସାଧାରଣ ଜୀବନଯାତ୍ରା ବେହାଲ ହେବା ସହ ଅନ୍ଧରରେ ମଶା ବଂଶ ବୃଦ୍ଧି ଜନଜୀବନକୁ ତଳିତଳାନ୍ତ କରି ଦେଇଛି। ବିଦ୍ୟୁତ୍ ବିଭ୍ରାଟ ଯୋଗୁ ବ୍ୟବସାୟୀମାନେ ବ୍ୟାପକ କ୍ଷତି ସହୁଥିବା ଅଭିଯୋଗ ହେଉଛି। ଟ୍ରାନ୍ସଫର୍ମର ପୋଡ଼ି ଘଟଣା ସମ୍ପର୍କରେ ସ୍ଥାନୀୟ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଦାନନ୍ଦ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ବର୍ଷା ଯୋଗୁ ଟ୍ରାନ୍ସଫର୍ମର ବଦଳ କରାଯାଇ ପାରିନାହିଁ। ସୋମବାର ବିଦ୍ୟୁତ୍ ବ୍ୟବସ୍ଥା ଠିକ୍ ହୋଇଯିବ ବୋଲି ସେ କହିଥିଲେ ।

■ ଦିଗପହଣ୍ଡି ବସଷ୍ଟାଣ୍ଡରୁ ମିନିବସ୍ ଚୋରି ଉଦ୍ୟମ

# ଅଣ ଓଡ଼ିଆ ଗାଡ଼ି ଚାଳକ ଅଟକ

**ଦିଗପହଣ୍ଡି,୧୮।୮(ଡି.ଏନ.ଏ.)**


ଚୋରି ଉଦ୍ୟମ ବେଳେ ଦୁର୍ଘଟଣାଗ୍ରସ୍ତ ମିନିବସ।

ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରୁ ଯାତ୍ରୀବାହୀ ମିନିବସ୍‌କୁ ଚୋରି କରି ନେଇ ଯାଉଥିବା ବେଳେ ରବିବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ସ୍ଥାନୀୟ ସୁଇଟଲାଇଟ ହୋଟେଲ ନିକଟରେ ଡିଭାଇଡରକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ସ୍ଥାନୀୟ ଲୋକେ ଚୋରିରେ ସମ୍ପୃକ୍ତ ଜଣେ ଅଣଓଡ଼ିଆ ଗାଡ଼ିଚାଳକଙ୍କୁ ଧରି ଦିଗପହଣ୍ଡି ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ମିନିବସ୍‌କୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ବସ୍‌ଟି ଦିଗପହଣ୍ଡିର ବିନୋଦ କୁମାର ସାହୁଙ୍କ ବୋଲି ସୂଚନା ମିଳିଛି। ଘଟଣାସ୍ଥଳରେ ଜନଗହଳି ଯୋଗୁ ଟ୍ରାଫିକ ସମସ୍ୟା ଉପୁଜିବାରୁ ଥାନା ଆଇଆଇସି ଗୌରାଙ୍ଗ ଚରଣ ସାହୁ, ଏସ୍‌ଆଇ ମଧୁସ୍ମିତା ପ୍ରଧାନ, ମାଧବ ଚନ୍ଦ୍ର ଟାକ୍‌ରୀ ପ୍ରମୁଖ ପହଞ୍ଚି ରାସ୍ତା ଅବରୋଧ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ଗାଡ଼ି ଚୋରି ର୍‍ୟାକେଟର ପର୍ଦ୍ଦାଫାଶ ପାଇଁ ଖେମୁଣ୍ଡି ମିନିବସ ମାଲିକ ସଂଘ ପକ୍ଷରୁ ଦାବି ହୋଇଛି ।

# ପୋଖରୀରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ଦିଗପହଣ୍ଡି/ପାଟପୁର, ୧୮।୮ (ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ଅଙ୍ଗେଇତ ବନ୍ଧରୁ ରବିବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ପୋଡ଼ାମାରି କୁମ୍ଭାର ସାହିର ବାପି ଗୌଡ଼। ବାପି ଅପରାହ୍ନ ୩ଟାରେ କେତେଜଣ ସାଙ୍ଗଙ୍କ ସହ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଅସାବଧାନତା କାରଣରୁ ସେ ପାଣି ଭିତରକୁ ଚାଲି ଯାଇଥିଲେ। ସାନଖେମୁଣ୍ଡି ଦମକଳ ବାହିନୀ, ପାଟପୁର ପୋଲିସ ପହଞ୍ଚି ପ୍ରାୟ ୨ ଘଣ୍ଟା ଖୋଜାଖୋଜି କରିବା ପରେ ବାପିଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ପଠାଇଛି।

# ଛାତ ପଲସ୍ତରା ଖସି ୩ ଶିଶୁ ଆହତ

■ ଜଣେ ବଡ଼ ମେଡିକାଲରେ ଭର୍ତ୍ତି

**ଗଞ୍ଜାମ,୧୮।୮(ଡି.ଏନ.ଏ.)**


ଆହତ ଶିଶୁଙ୍କୁ ଭେଟୁଛନ୍ତି ସରପଞ୍ଚ।

ଗଞ୍ଜାମ ବ୍ଲକ ସନ୍ତୋଷପୁର ପଞ୍ଚାୟତ ସାନ ଗୋପାଳପୁର ଗ୍ରାମର ଲଳିତ ତରାଇଙ୍କ ଘର ଛାତରୁ ଶନିବାର ରାତି ପ୍ରାୟ ୯ଟାରେ ପଲସ୍ତରା ଖସି ୩ ଶିଶୁ ଆହତ ହୋଇଛନ୍ତି। ସେମାନେ ହେଲେ ଲଳିତଙ୍କ ୩ ନାତୁଣୀ ତପସ୍ୱିନୀ (୯), ଲିପ୍‌ସା (୫) ଓ ଶ୍ରାବଣୀ (୭)। ସମସ୍ତଙ୍କୁ ପ୍ରଥମେ ଖଣ୍ଡଦେଉଳି ଡାକ୍ତରଖାନାକୁ ନିଆଯାଇଥିଲା। ତପସ୍ୱିନୀଙ୍କ ମୁଣ୍ଡରେ କଂକ୍ରିଟ ବାଜି ଗଭୀର କ୍ଷତ ହୋଇଥିବାରୁ ରବିବାର ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଯାଇଛି। ଖବରପାଇ ସନ୍ତୋଷପୁର ସରପଞ୍ଚ ନିରଞ୍ଜନ ରେଡ୍ଡୀ ଉକ୍ତ ଗ୍ରାମରେ ପହଞ୍ଚି ଆହତ ଶିଶୁଙ୍କ ପରିବାରକୁ ଭେଟିବା ସହ ଘଟଣା ସମ୍ପର୍କରେ ଗଞ୍ଜାମ ତହସିଲଦାର ଓ ବିଡିଓଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ। ତେବେ ଉକ୍ତ ପରିବାରକୁ ଇନ୍ଦିରାବାସ ଯୋଗାଇ ଦିଆଯିବ ବୋଲି ବିଡିଓ ଜ୍ୟୋତି ଶଙ୍କର ରାଏ ଯୋଗାଯୋଗ ବେଳେ ସୂଚନା ଦେଇଛନ୍ତି ।

# ପାନ ଦୋକାନରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଗୋପାଳପୁର,୧୮।୮**

ଗତ ୧୫ ଦିନରେ ଗୋଳନ୍ଥରା ଥାନା ରଣ୍ଡା, ଗୋବିନ୍ଦନଗର ଓ ଅଟୋନଗର ଅଞ୍ଚଳର ୩ ଦୋକାନ ଓ ଛତୁବାଡ଼ରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଚମ୍ପଟ ମାରିଛନ୍ତି। ଶନିବାର ମଧ୍ୟରାତିରେ ଅଟୋନଗରସ୍ଥିତ ଏକ ପାନ ଦୋକାନରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେବାରୁ ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇଛି। ବ୍ରହ୍ମପୁରର ଜ୍ୟୋତି ରଞ୍ଜନ ସ୍ୟାସମଲ ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଚାଲି ଯାଇଥିଲେ। ମଧ୍ୟରାତିରେ କେତେକ ଦୁର୍ବୃତ୍ତ ଉକ୍ତ ଦୋକାନରେ ନିଆଁ ଲଗାଇ ଚମ୍ପଟ ମାରିଥିଲେ। ଗୋଳନ୍ଥରା ପୋଲିସ ଓ କନିଷ୍ଠି ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଥିବା ଅନୁମାନ କରାଯାଉଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନାହିଁ।


ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଦୋକାନ।

# କାବୁ ହେଲା ଆତଙ୍କ ଖେଳାଇଥିବା ମାଙ୍କଡ଼

**ହିଞ୍ଜିଳିକାଟୁ,୧୮।୮(ଡି.ଏନ୍.ଏ)**

ହିଞ୍ଜିଳିକାଟୁ ବ୍ଲକ ଦାରୁଭଦ୍ରା ପଞ୍ଚାୟତ ମୋହନାପଲ୍ଲୀ ଗ୍ରାମରେ ଗତ ୩ ଦିନ ହେଲା ଆତଙ୍କ ଖେଳାଇଥିବା ମାଙ୍କଡ଼ଙ୍କୁ ରବିବାର କାବୁ କରାଯାଇଛି। ହିଞ୍ଜିଳିକାଟୁ, ବ୍ରହ୍ମପୁର ଓ ଟାମଣା ସେକ୍ସନର ବନ କର୍ମଚାରୀଙ୍କ ଏକ ଟିମ ଟ୍ରାଙ୍କୁଲାଇଜର ପ୍ରୟୋଗ କରି ତାହାକୁ ଧରିଥିଲେ। ସୂଚନାଯୋଗ୍ୟ, ୩ ଦିନରେ ଏହି ହନୁ ମାଙ୍କଡ ଆକ୍ରମଣରେ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ତେଣୁ ତାହାକୁ କାବୁ କରିବା ପାଇଁ ଗ୍ରାମବାସୀ ଦାବି କରି ଆସୁଥିଲେ। ହିଞ୍ଜିଳିକାଟୁ ରେଞ୍ଜ ଅଫିସର ରାଜାରାଓ ସୁବୁଦ୍ଧି, ଫରେଷ୍ଟର ପ୍ରଦୀପ କୁମାର ପଣ୍ଡା, ବି. ପ୍ରଶାନ୍ତ ରାଓ, ଚନ୍ଦନ ଜାନି, ଅରୁଣ ଦାଶ, କମଳକାନ୍ତ ପାତ୍ର, ନିରାକାର ବେହେରା ପ୍ରମୁଖ ମାଙ୍କଡ଼ ଧରା ଅଭିଯାନରେ ସାମିଲ ଥିଲେ। ମାଙ୍କଡ଼ର ଚିକିତ୍ସା ଚାଲିଛି, ସୁସ୍ଥ ହେବା ପରେ ଟାମଣା ସେକ୍ସନ କେରାଣ୍ଡିମାଳ ଜଙ୍ଗଲରେ ଛଡ଼ାଯିବ ବୋଲି ଫରେଷ୍ଟର ପଣ୍ଡା କହିଛନ୍ତି।

■ କାଳିଆ ଯୋଜନା ହିତାଧିକାରୀ ଯାଞ୍ଚ

# ଧରାପଡ଼ିଲେଣି ୪୨୪ ଅଯୋଗ୍ୟ

**କବିସୂର୍ଯ୍ୟନଗର,୧୮।୮**

କାଳିଆ ଯୋଜନାରେ ଶତ ପ୍ରତିଶତ ଯୋଗ୍ୟ ହିତାଧିକାରୀ ଯେଭଳି ସହାୟତା ପାଇବେ ସେ ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ ପୂର୍ବରୁ ହୋଇଥିବା ତାଲିକାରୁ ଯୋଗ୍ୟ, ଅଯୋଗ୍ୟ ହିତାଧିକାରୀଙ୍କ ଯାଞ୍ଚ ପ୍ରକ୍ରିୟା ଚାଲିଛି। ଆସନ୍ତା ୨୭ ପର୍ଯ୍ୟନ୍ତ ଯାଞ୍ଚ କରାଯାଇ ୨୯ରେ ବ୍ଲକସ୍ତରରେ ଓ ୩୧ ତାରିଖରେ ଜିଲାସ୍ତରରେ ହିତାଧିକାରୀ ତାଲିକା ଚୂଡ଼ାନ୍ତ ହୋଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗକୁ ପଠାଯିବାକୁ ସ୍ଥିର ହୋଇଛି ।

କବିସୂର୍ଯ୍ୟନଗର ବ୍ଲକରେ ଗତ ୧୬ ତାରିଖ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ତଦନ୍ତରେ ୧୨ ହଜାର ୫୫୩ ଜଣ ଯୋଗ୍ୟ ଥିବାବେଳେ ୪୨୪ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ଅନ୍‌ଲାଇନରେ ଜାଣିବାକୁ ମିଳିଛି। ଦ୍ୱିତୀୟ ପର୍ଯ୍ୟାୟରେ ୧୭,୮୪୨ ହିତାଧିକାରୀଙ୍କ ମଧ୍ୟରୁ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯିବ ବୋଲି ନୋଡାଲ ଅଧିକାରୀ ବିଡିଓ ବାସୁଦେବ ନାୟକ ସୂଚନା ଦେଇଛନ୍ତି। ସରକାରଙ୍କ ଏପରି ନୀତିକୁ ନେଇ ଜନସାଧାରଣ ଓ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ସରକାରଙ୍କ ଧାର୍ଯ୍ୟ ତାରିଖ ପୂର୍ବରୁ ଅଯୋଗ୍ୟ ହିତାଧିକାରୀ ପଞ୍ଚାୟତରେ ଲଟକା ଯାଇଥିବା ତାଲିକାକୁ ଦେଖି ନେଇଥିବା ଟଙ୍କା ନ ଫେରାଇଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଡାଲ ଅଧିକାରୀ କହିଛନ୍ତି । ପ୍ରକୃତ ହିତାଧିକାରୀ କାଳିଆ ଯୋଜନାରୁ ବଞ୍ଚିତ ଥିବା ବେଳେ ଧନୀକ ଶ୍ରେଣୀ, ସରକାରୀ ଚାକିରିଆ ଓ ଗୋଟିଏ ପରିବାରର ୪/୫ ଜଣ ସହାୟତା ନେଇଥିବା ଦେଖିବାକୁ ମିଳିଛି । ଯାଞ୍ଚ ଶେଷ ସୁଦ୍ଧା ବ୍ଲକରେ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ୨ ହଜାରରୁ ଊର୍ଦ୍ଧ୍ୱ ହେବା ସମ୍ଭାବନା ରହିଛି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ